GOVERNMENT OF INDIA
NATIONAL LIBRARY, CALCUTTA.

Class No. Or 891·451

Book No. ~~D 61 P~~ Di 554 p

Copy 1

N. L. 38.

MGIPC—S4—38 LNL/56—12-4-57—50,000.

NOT TO BE LENT OUT

୰ଦୀନକୃଷ୍ଣ ଦାସ ପ୍ରଭୃତିଙ୍କ ବିରଚିତ

ପ୍ରଭାତ ଅବକାଶ ।

ଶ୍ରୀ ମଣିଲାଲ ମହାରାଣାଙ୍କ ଦ୍ୱାରା

ତୃତୀୟବାର ପ୍ରକାଶିତ ।

ଉତ୍କଳ ପ୍ରେସ ୮, ସେଣ୍ଟ ଜେମସ ସ୍କୋୟାର, କଲିକତା ।

Printed by M. L. Maharana at the

Utkal Press 8, St. James Square, Calcutta.

1921.

ମୂଲ୍ୟ ୵୦ / ଏକଅଣା ମାତ୍ର ।

IMPA0000000005ORI

LIBRARY
1 DEC 22

NOT TO BE LENT OUT

Or
891.451
Di 554 P/9

ପ୍ରଭାତ ଅବକାଶ ।

APR 1921

ଉଠ ଉଠ ହୋ ମନ ଭଜ ଗୋବିନ୍ଦ ।
ମୁକୁନ୍ଦ ମାଧବ ପରମାନନ୍ଦ । ଘୋଷା ।

ହିଲା ନିଶି ଉଠ ଜନା ମନ । ଦଣ୍ଡେକର ଜନା ନାମକୀର୍ତ୍ତନ
ଦ୍ରା ଅଳସକୁ ସୁଖ ମଣିଲୁ । ଗୋବିନ୍ଦ ନାମ କ୍ଷଣେ ନ ଭଜିଲୁ
ଦାରା ସୁତେ ହେଲୁ ଲମ୍ପଟ । କୃତାନ୍ତପୁର ଦେଖ ନିକଟ ।
ର୍ମପଥ ବଡ଼ ନିରାକୁଳ । ଜଗନ୍ନାଥ ନାମ କର ତୁ ମୂଳ ।୧
ନ୍ନାଥ ନାମ ଅମୃତରସ । ମୁଖେ ଉଚାରି ନିରନ୍ତରେ ଘୋଷ ।
ନାମ ଭବସାଗର ଭେଳା । ଆନନ୍ଦେ ଭଜ ଶ୍ୱେତପଦ୍ମ ତୋଳା ।
ର୍ତ୍ତି ମୂରତି ନୀଳକନ୍ଦରେ । ଶଙ୍ଖ ଛୁ ଡିଅ ଗରୁଡ଼ ପଛରେ ।
ନ୍ତ ସୁନ୍ଦର ଦିଶନ୍ତି ଶୋଭା । କହେ ଦୀନକୃଷ୍ଣ ଜ ଲକ୍ଷଦେବା ।

ଉଠ ଉଠ ହୋ କାହ୍ନୁ କେଶବ ହରି ।
ମୁକୁନ୍ଦ ମାଧବ ଦେବ ମୁରାରି । ପଦ ।

ପାହିଲା ନିଶି କାକ ଦେଲେ ଡାକ । ନନ୍ଦସିଂହଦ୍ୱାରେ
ବ୍ରଜବାଳକ । ଡାକନ୍ତି ଉଠ ରାମ ବନମାଳୀ । ଉଠ ଗୋପିନାଥ
ନେତ୍ରଚାତୁରୀ ।୧। କାଲି ଉପବାସ ବତ୍ସାଧେନୁର । ପଡ଼ିଲୁଁ
ବଙ୍କାଅଧାର ଆଗର । ତୁ ନାଥ ଜୀବଦାନ ଦେଇ ରଖୁ ।
କେତେ ନିଦ୍ରା ଯାଉ କମଳଚକ୍ଷୁ ।୨। ବତ୍ସା ଧେନୁମାନେ ଅସ୍ଥିର
ହେଲେ କ୍ଷୀର ନ ପାଇ ହମ୍ବାରାବ କଲେ । ଦୁହିଁବା ବେଳ
ହେଉଅଛି ଚତୁର । କେତେ ନିଦ୍ରା ଯାଅ ମୁରଲୀଧର ।୩। ଯହୁଁ
ଡାକ ଦେଲେ ବ୍ରଜବାଳକ । ନିଦ୍ରା ତେଜିଲେ ସେ ପଙ୍କଜମୁଖ ।
ନିଦ୍ରାରୁ ଉଠି ଗୋଗୋଷ୍ଠକୁ ଯାଇ । ରଖୁ ଅରକ୍ଷିତ ସେପାଦେ ଧ୍ୟାଇ

ଅବକାଶ ।

ଉଠ ଉଠ ହେ ଅଙ୍ଗ ଅଳସ ନୋହୁ !

ବାସି ଶଯ୍ୟାରେ କେତେ ନିଦ୍ରା ଯାଉ । ଘୋ ।

ପାହିଲା ନିଶି ଉଠ ଦାମୋଦର । ଅରୁଣ ଉଦୟ ପୂର୍ବଦିଗର । କ କ ରଡ଼ିଦେଲେ ରଜନୀ ପାହି । ନିଦ୍ରାରୁ ଉଠ ବେଗେ ଦୁଇ ଭାଇ । ୧। ଆସ ଦୀନବନ୍ଧୁ ବସ ମୋ କୋଳେ । ମୁଖ ପଖାଳିବ ସୁବାସ ଜଳେ । ମାତା ଡାକନ୍ତେ ଉଠି ହରି ହଳୀ । ଜନନୀଙ୍କ ପାଶେ ସତ୍ୱରେ ମିଳି ।୨। ସୁବାସ ଜଳରେ ମୁଖ ଧୋଇଲେ । ଖାଇ ପଲ୍ୟଙ୍କରେ ଯହୁଁ ବସିଲେ । କେଶ ବାନ୍ଧି ମାଏ ଦେଲେ ପ୍ରତ୍ୟକ୍ଷ । ପୁଣି ପିନ୍ଧାଇଲେ ପଟନୀ କାଛ ।୩। ସର ଛାଞ୍ଚିଆରେ ଖଣ୍ଡ ମିଶାଇ । ଭୁଞ୍ଜାଇ ଦିଅନ୍ତେ କୋଳେ ବସାଇ । ଉହୂ ନ କର ଭୁଞ୍ଜରେ ବାବୁ । ମଞ୍ଜାରୀ ବସିଛି ଖାଇବ ସବୁ ।୪। ଆସରେ ପୁଏ ବଜାଅରେ ତାଳି । ଭଲ ନାଚଜାଣେ ମୋ ବ- ମାଳୀ । ପାଦ ମଠକେ ପକାଅ ଚରଣ । ଦୀନ ନାଥିଆ ଦଣି- ଶରଣ । ୫ ।

—:0:—

ରାଗ ରାମକେରୀ ।

ନିଦ୍ରାରୁ ଉଠ ହେ ଗୋବିନ୍ଦ ଯଶୋଦା ଡାକନ୍ତି । ନ- କୋକିଳ ରାବ କଲେ ନିଶିହେଲା ପାହାନ୍ତି ।୧। ସଙ୍ଗୀ ବ୍ରଜ- ଅଇଲେ ରଖିନିବେ ଗୋଧନ । ସର ଲବଣୀ ଘୃତ ଦେବି ଉଠ ମୋ ଧନ ।୨। ପଙ୍କଜମୁଖ ତୋ ପଖାଳ ଦେନି ସୁବାସ ପାଣି । ପିନ୍ଧାଇବି ହୀନପଟନୀ କେଶେ ପାରିବି ବେଣୀ ।୩। କର୍ଣ୍ଣେ କୁ- ମାଳୀ ହରିଡ଼ା ହସ୍ତେ ଦେବି କଙ୍କଣ । ରଘୁଅରକ୍ଷିତ ଭଜଲେ କୃଷ୍ଣପଦ୍ମ ଚରଣ । ୪ ।

—:0:—

କେତେ ନିଦ୍ରା ଯାଉଛୁ କେନୁପାଣି । ପାହିଗଲା ହୋ ସୁଖ- ରଜନୀ । ଘୋଷା । କୋଇଲିର କୁହୁ ଡାହୁକର ସ୍ୱନ ପାହାନ୍ତି ନିଶି ହୋଇଲାଣି । ଦେବଆଲେ ଶଙ୍ଖଶବଦ ଶୁଭୁଛି ତାମ୍ରଚୂଡ଼ ରଡ଼ି ଦେଲାଣି ।୧। ଉଠ ପ୍ରାଣନାଥ ହୋଇଲା ପ୍ରଭାତ ଦେବେ

ହେଲେଣି ଦିନମଣି । ଏ ଗୋପନଗରେ ଛତିଶମୁଖରେ ବୋଲିବେ ରାଧା ଦୋଗ୍ଧ୍ରୁଣୀ । ୨ । ଶିଂଘା ବଂଶୀ ନେଇ ଭଣ୍ଡା ବୃନ୍ଦ ଫେଇ ଗୋଗୋଷ୍ଠକୁ ଯୋଏ ଗଲେଣି । ଚନ୍ଦ୍ରସେଣା-ଙ୍କୀର ଘେନି ଦୁଧ ଭାର ଆସି ମିଳିବ ଏହିକ୍ଷଣି । ୩ । ଭଣେ ଉପାନନ୍ଦ ନବଘନଶ୍ୟାମ ନିଦ୍ରା ଛେଳିଲେ ବେନୁପାଣି । ସୁବର୍ଣ୍ଣ ଝରୀରେ ଭରି ଗଙ୍ଗାଜଳ ଆଣିଦେଲେ ଚନ୍ଦ୍ରବଦନୀ । ୪ ।

—:୦:—

ଉଠ ନିଶି ପାହିଲା ଏଥର ହେ ବଂଶୀଧର । ପଦ ।

ମନ୍ଦିରେ ଡାକିଲେ ଶୁକ, ଗଗନେ ରାବିଲେ କାକ, କୁହୁକୁହୁ କଲେ ପିକ କୁକ୍‌କୁଟ ଡାକିଲେ ପରଇର, ହେ ବଂଶୀଧର । ୧ । ଯଶୋବତୀ କୋଳକରି, ଉଠବାବୁ ବନମାଳୀ, ଶ୍ରୀମୁଖଦେବି ପଖାଳି, ଝରିରେ ରଖିଛି ବାସନୀର ହେ । ୨ । ଅମୃତ ପାଣି କଦଳୀ ଲବଣୀ ସଙ୍ଗତେ ଗୋଳି ଅଧାମ ଗୋଟିକା ଘୁଲୀ, ଖଣ୍ଡ ସଙ୍ଗେ ଭୁଞ୍ଜାଇବି ସର ହେ । ୩ । ଉଠରାମ ବାସୁଦେବ, ଯିବାକୁ ଉଚ୍ଛୁର ହେବ, ଦଧିଅନ୍ନ ସଙ୍ଗେଥିବ, ନଦୀକୂଳେ କରିବା ଆହାର ହେ । ୪ । ବାଛୁରୀ ଚରାଇ ଯାଇ, କାଲି ଦଅଶ୍ରମ ପାଇ, ଅଳ-ସରେ ଅଛଶୋଇ, ଅଶକତ ହେଉଛି ଶରୀରହେ । ୫ । ସିଂହ-ଦ୍ୱାରେ ବ୍ରଜସୁତ, ଡାକନ୍ତି ଉଠ ଅଚ୍ୟୁତ, କେତେ ନିଦ୍ରା ଯାଉ ଛୁତ, ଆକାଶେ ଉଦୟ ଦିନକରହେ । ୬ । ଉଠ ପ୍ରଭୁ ଚକ୍ରଧର, ଯିବାକୁ ହେବ ଉଚ୍ଛୁର, ବନକୁ ଗମନ କର, ଦୀନମଣି ଚରଣେ କିଙ୍କର ହେ । ୭ ।

ଦିନେ ଯଶୋଦା ମନ୍ଥୁଥିଲେ ଦଧି । ନିଦ୍ରାଯାଇଥିଲେ କରୁଣା ନିଧି । ପଙ୍କଜନୟନ ଶ୍ରୀବନମାଳୀ । ଉଠି ମାତା ସଙ୍ଗେ କରନ୍ତି ଅଳି । ମାଏଗୋ ଦଧି ମନ୍ଥନ ରଖ । ନିଦ୍ରାରୁ ଉଠିଲି ଲାଗିଲା ଭୋକ । ୧ । ଯଶୋଦା ବୋଲନ୍ତି ଆରେ କହ୍ନାଇ । ଦଧି ମନ୍ଥନରେ ଲାଗିଛି ମୁହିଁ । ଦଣ୍ଡେ ରହ ବାଡୁ ନ କର ଗୋଳ ।

ମନ୍ଥନ ସରିଲେ ଧରିବି କୋଳ । ଗୋବିନ୍ଦ ତୁ ମୋ ଜୀବଜୀବନ ଲୁଚହୋଇ ଯିବି ଚନ୍ଦ୍ରବଦନ ।୨। ତାହାଶୁଣି କୃଷ୍ଣ କରନ୍ତି ଅଳି ମାତା ପଣନ୍ତ ଧରି ବନମାଳୀ । ତାଦେଖି ଯଶୋଦା ହୋଇଉଚାଟ କୃଷ୍ଣକୁ ମାଇଲେ ଝୁମୁକାଘାଟ । ଗୋବିନ୍ଦ ତହୁଁ ପଳାଇ ଗଲେ ଧାଇଁଯାଇ ପିତା ଆଗେ କହିଲେ । କୋଳେଧରି ନନ୍ଦ ଦେଇନ୍ତି ଚୁମ୍ବନ । କେ ତୋତେ ମାଇଲା ମୋ ପ୍ରାଣ ଧନ । କୃଷ୍ଣ କହୁଛନ୍ତି ଶୁଣ ହେ ତାତ । ଅଦୋଷେ ମାଇଲେ ମୋହର ମାତ । ଭୋ ତାତ କିଛି ଦୋଷ ନ କଲି । ଭୋକଲାଗିଲା ଗୋଳ କରୁ ଅଳି ।୪। ନନ୍ଦ କହୁଛନ୍ତି କୃଷ୍ଣକୁ ଚାହିଁ । ଆଉ ତୋ ମାତାକୁ ରଖିବି ନାହିଁ । ସେ ଯେବେ ମାଇଲା ନ ପାଇ ଲାଜ । ନାହିଁ ତୋ ଜନନୀରେ ମୋର କାର୍ଯ୍ୟ । ଗୋବିନ୍ଦ ତହୁଁ ସତ୍ୱରେ ଗଲେ ମାତାଙ୍କ ଆଗରେ ଯାଇ କହିଲେ ।୫। କୃଷ୍ଣ କହୁଛନ୍ତି ମାତାଙ୍କୁ ଚାହିଁ । ଆଉ ତୋତେ ପିତା ରଖିବେ ନାହିଁ । ଅଦୋଷେ ମାଇଲୁ ଝୁମୁକାବାଡ଼ି । ଆଜ ତୋତେ ପିତା ଦେବେ ଘଉଡ଼ି । ମାଏ ଗୋ ଯାଅ ବାପର ଘର । ଦଣ୍ଡେ ନ ରହ ପିତା କୋପଭର ।୬ ଯଶୋଦା ବୋଲନ୍ତି ଆରେ କହ୍ନାଇ । ଅଦୋଷେ କପାଁ ଦେବ ଘଉଡ଼ାଇ । ଘଉଡ଼ି ଯେବେ ଦେବେ ଭଗବାନ । ଉଦ୍ଧରି ଧରିବେ ଜଗଜ୍ଜୀବନ । ଗୋବିନ୍ଦ ବ୍ୟାରେ ଉଦ୍ଧରି ଧର । ଏ ଗୀତେ ଭଣିଲେ କବି ଶ୍ରୀଧର ।

—ଃ୦ଃ—

ରାଗ ରସକୋଇଲା ।

ନିଶି ଅବଶେଷେ ଯଶୋଦା ରାଣୀ । ମନ୍ଥନଦଣ୍ଡ ସଜାଡ଼ିଲେ ଆଣି । କହୁଛ ଲହୁଣୀ ହୋଇବ ଆଜ । ପାଞ୍ଚି ସୁବାସ ପିନ୍ଧି ହୋଇ ସଜ ସେ । ବେଗେ ମନ୍ଥୁ ଦଧିଭାଣ୍ଡ ଯେ । କର କଙ୍କଣ କିଙ୍କିଣୀ ଶବଦରେ ଉଚ୍ଛୁଳଇ ଗୋଟଦାଣ୍ଡ ଯେ ।୧। ନିଦ୍ରାରୁ ଉଠିଣ ଶ୍ରୀଚକ୍ରପାଣି । ମାତା ମାତା ବୋଲି ଲୋଟେ ଧରଣୀ । ଗୋଳକରି ଯାଇଁ ମିଳି ପାଶରେ । ପଣନ୍ତ ଧରି ଓଟାରନ୍ତି

କରେ ସେ । ଦିଅ ମାତା କ୍ଷୀରଦାନ ଗୋ । କୋମଳ ବଚନେ
ବୋଲେ ନନ୍ଦରାଣୀ ଦଣ୍ଡେ ରହ ପ୍ରାଣଧନ ରେ । ୨ ।
ଅବୁଝବାଳକ ନ ବୁଝେ ତାହା । କ୍ରୋଧେ ବୋଲଇ କ୍ଷୀର
ଦିଅ ମାଆ । ମାତା ଗାଳିଦ୍ୟନ୍ତି କୃଷ୍ଣଙ୍କୁ ଚାହିଁ । ଗୋପପୁରେ
କେତେ ବାଳକ ନାହିଁ ସେ । ଏଡ଼େ ଦୁରୁଦଣ୍ଡ କାହିଁ ସେ ।
ଏତେ ବୋଲି ମାଏ କୋଳରେ ଧଇଲେ ଝୁଆମୁଠି ଛାଡ଼ି
ଦେଇ ସେ ।୩। ବ୍ରହ୍ମାଣ୍ଡକରତା ସେ ନରହରି । ମାୟା ଆର-
ମ୍ଭିଲେ ଶତ୍ରେ ବିଗୃହି । ଚୁଲି ଉପରେ ଦୁଧ ବସିଥିଲା । ମାୟାର
ବଳେ ଉତୁରି ପଡ଼ିଲା ସେ । ପକାଇ ଧାଏଁ ତରୁଣୀ ସେ ।
ଢଳେପଡ଼ି ଓଷ୍ଠୁ ରୁଧିର ଗଳନ୍ତେ କାନ୍ଦି୨ ବେଣୁପାଣି ସେ ।୪।
ପ୍ରଜ୍ୱଳିତ ହୋଇ ବ୍ରହ୍ମାଣ୍ଡ ନାଥ । ଶିଳା ଲୋହୁଡ ଧଇଲେକ ହସ୍ତ ।
ପକାଇଲେ ନେଇ ଦଧି ଭାଣ୍ଡରେ । ଧାଇଁଯାଇ କୃଷ୍ଣ ପଶିଲେ
ଘର ସେ । ନନ୍ଦରାଣୀ ତାହା ଦେଖି ସେ । ବୁଦ୍ଧି ନ ସ୍ଫୁରଇ
ଚକିତେ ଚାହିଁଇ ଲୁହବହେ ବେନି ଆଖି ସେ । ୫ । ବୋଲଇ
କି କର୍ମ କଲୁ କୁମର । କାହୁଁ ଶୁଝିବି କଂସରାଜା କର । କର
ନ ପାଇ ରାଜା ଧରି ନେବ । ବାଳୁତ କଥା କେହି ନ ଜାଣିବ
ସେ । କାଳଶତ୍ରୁ ହେଲୁ ଜାତରେ । ଗୋପ ନରନାରୀ ନ ବୁଝି
ବୋଲନ୍ତି କେତେ ମାରୁ ତୁହି ସୁତ ସେ । ୬ । କେଣେ ଗଲା
ବୋଲି ଖୋଜେ ତରୁଣୀ । ଗମ୍ଭୀରୀ ଭିତରେ ଝାଏ ଲବଣୀ ।
ମର୍କ୍କାରୀ ପୁଅଙ୍କୁ ଭୁଲାଇ ଭୁଞ୍ଜେ । ଘୁଞ୍ଚେଧେନି ମାଏ ବହୁତ
ଗଞ୍ଜେ ସେ । କାହିଁ ପଶିବୁ ଦୁର୍ଦ୍ଦଣ୍ଡ ରେ । ରୋଳେ ବାନ୍ଧି
ତୋର ସୁକୁମାର ପିଣ୍ଡ କରିବଇଁ ଖଣ୍ଡ ଖଣ୍ଡରେ ।୭। ଗମ୍ଭୀରୀ
ଭିତରେ ବୋଲେ ବଚନ । ମୋତେ ମାରି କେତେ ଅର୍ଜ୍ଜିବୁ ଧନ ।
ଜଗତେ ପାଇବୁ ତୁ ଅପଯଶ । ମାର ଯେବେ ମନେ ହୋଇବୁ
ତୋଷ ସେ । କହେ ଯୋଡ଼ି ବେନିକର ସେ । ଏହା ଶୁଣି ମାଏ
କ୍ରୋଧ ଉପେକ୍ଷିଲେ ଭଣିଲେ କରୁଣାକର ସେ । ୮ ।

ରାଗ ରସକୋଇଲା

ପ୍ରଭାତରୁ ଉଠି ଯଶୋଦାରାଣୀ । କୃଷ୍ଣଙ୍କୁ ଡାକନ୍ତି ମଧୁର ବାଣୀ । ନିଦ୍ରାତେଜ ବେଗେ ମାଙ୍କୁ ହିଁ ସାର । ଅମୃତ ଯୋଗାଡ଼ ମଣୋହି କର ଯେ । ବେଳ ହେଉଛି ଉଚ୍ଛୁର ଯେ । ବତ୍ସା ଧେନୁ ଘେନି ବୃନ୍ଦାବନେ ଯିବ ରବି କିରଣ ପ୍ରଖର ଯେ । ୧ । ଏହା ଶୁଣି କୃଷ୍ଣ ନିଦ୍ରା ତେଜିଲେ । ମାତାଙ୍କୁ ବିନୟ ଭାବେ କହିଲେ ଆଜ ମୁଁ ଅନ୍ନ ନ ଭୁଞ୍ଜିବି ଘରେ । ଅନ୍ନପୁଡ଼ା ବାନ୍ଧି ଦିଅ ମୋ କଟିରେ ଯେ । ଭୁଞ୍ଜିବି ଯମୁନା ତୀରେ ଯେ । ନିଦାଘର କାଳ ଉଚ୍ଛୁର ହୋଇଲେ ଅଙ୍ଗୁଗଲେ ସ୍ୱେଦ ଝରେ ଯେ ।୨। ଏହାଶୁଣି ମାଏ ଅନ୍ନସଜାଡ଼ି । ପୁଡ଼ାଭିତରେ ଭରି ଯତ୍ନ ଭିଡ଼ି । ଅଏଁଲା କମ୍ବଳ ବେଲ କରଡ଼ି । କୃଷ୍ଣକରେ ଦେଲେ ବେଗେ ସଜାଡ଼ି ଯେ । ଶିଙ୍ଘା ବେତ ବେଣୁ କରେ ଯେ । କାଖରେ ଜାକିଲେ ଶିଙ୍ଘା ବେତ ନେଇ ବଂଶୀବଜାନ୍ତି ସୁସ୍ୱରେ ଯେ । ୩ । ବଂଶୀ ଧ୍ୱନି ଶୁଣି ଗୋପ ବାଳକେ । ସର୍ବେ ମିଳିଲେ ଆସି ଏକେ ଏକେ । ବତ୍ସା ଧେନୁମାନ ଆଗେ ଚଳାଇ । ନାଚନ୍ତି ଖେମଣ୍ଡା ତାଳ ବଜାଇ ଯେ । ମିଳଲେ ଯମୁନାତୀରେ ଯେ । ବାଳକୁନ୍ଦେ କୃଷ୍ଣ ବସିଣ ବୋଲନ୍ତି ଶୁଣହେ ଗୋପକୁମର ଯେ । ୪ । କେ କେତେ ଅନ୍ନବ୍ୟଞ୍ଜନ ଆଣିଛ । ଆମ୍ଭ ଆଗରେ ଦେଖାଅ ପ୍ରତକ୍ଷେ । କେ ବୋଲେ ବଗଡ଼ା ଅନ୍ନମୋହର । ଭୁଞ୍ଜା ଭୁଞ୍ଜିବି ଗୋଳାଇଣ ନୀର ଯେ । କେବୋଲେ ଅନ୍ନ ବ୍ୟଞ୍ଜନ ଯେ । ଦଧିଦୁଗ୍ଧ ମିଶାଇଣ ଆଣ ଅଛୁ ଦେଖିବା ହେଉ ଆପଣ ଯେ । ୫ । ମଧ୍ୟେକୃଷ୍ଣ ଚଉପାଶେ ବାଳକେ । ବେଢ଼ି ବସିଲେ ସର୍ବେ ଏକେ ଏକେ ବୃକ୍ଷ ବଳ୍କଲ ପତ୍ର ମାନଆଣି । ପାଷାଣରେ କେହୁ ବାଢ଼ିଲେ ଚୁଣି ଯେ । କୃଷ୍ଣଙ୍କୁ ଦେଖାନ୍ତି ଆଣି ଯେ । କେ ବୋଲେ ମୋ ଅନ୍ନ ସଙ୍ଗେ ସରମିଶା ଗୃହ ଘରୁ ଅଛୁ ଆଣି ଯେ । ୬ । କୃଷ୍ଣ ବାଳକେ ଭୁଞ୍ଜନ୍ତି ଆନନ୍ଦେ । ସ୍ୱର୍ଗେ ଦେଖନ୍ତି ବିରୁଞ୍ଚାଦିବୃନ୍ଦେ ।

ବୋଲନ୍ତି ସ୍ୱର୍ଗସୁଖେ କାର୍ଯ୍ୟ ନାହିଁ । ମର୍ତ୍ତ୍ୟେ ଜନ୍ମିଥାନ୍ତୁ ମାନବ
ହୋଇ ସେ । ଗୋପ ବାଳକ ମେଳରେ ଯେ । ଦେଖିଣ କୃଷ୍ଣଙ୍କୁ
ଅଶ୍ରୁ ଗଦଗଦେ ଲୋଟନ୍ତୁ ପାଦତଳରେ ଯେ ।୭। ନିତି ନିତି
କୃଷ୍ଣ ବନକୁ ଯାନ୍ତି । ବତ୍ସା ଧେନୁ ବୃନ୍ଦାବନେ ଚରାନ୍ତି । ସାୟଂ
କାଳେ ବତ୍ସା ଘେନି ଚଳାଇ । ଗୋପେ ଆସନ୍ତି ବେଣୁ ନାଦ ବାଇ
ସେ । ଧ୍ୱନି ଶୁଣି ଗୋପନାରୀ ଯେ । ଗୃହ ଉପେକ୍ଷିଣ ନିରେଖି
ଗୃହାନ୍ତି ଦାଣ୍ଡଦେହଳିଙ୍କ ଧରି ଯେ ।୮। ବତ୍ସା ଧେନୁ ଘେନି
ଗୃହରେ ମିଳି । ଦେଖି ଯଶୋଦା କରି ନିଉଁଛୁଳି । ଆନନ୍ଦେ
କୋଳେ ବସାଇଲେ ନେଇ । ସର ଲବଣୀ ଗୋଟିକା ଭୁଞ୍ଜାଇ
ସେ । ପଲଙ୍କେ ଶୁଆଇ ନେଇ ଯେ । ଭଣେ ବିଶ୍ୱମ୍ଭର ଶ୍ରୀକୃଷ୍ଣ
ପୟରେ ଏହିରୂପେ ନିତ୍ୟ ଧାର୍ଯ୍ୟ ଯେ ।୯।

ମାଧବ ଦୀନବାନ୍ଧବ କୃଷ୍ଣ କେଶବ ଦଇତ୍ୟାରି ।
ଶ୍ରୀ ମୁକୁନ୍ଦ ଆଦିକନ୍ଦ ଗୋବିନ୍ଦ ଗିରିଧାରୀ । ଘୋଷା ।
ନାରାୟଣ ବାସୁଦେବ ପୁରୁଷୋତ୍ତମ ପଦ୍ମନାଭ ଦାମୋଦର
ଶ୍ୟାମ ସୁନ୍ଦର ଶ୍ରୀକର ଚକ୍ରଧାରୀ ।୧। ମଦନମୋହନ
ଶ୍ରୀଗୋପାଳ ମଧୁସୂଦନ ଦୀନଦୟାଳ ନନ୍ଦନନ୍ଦନ ଜଗତଜୀବନ
ସନ୍ଥଜନ ହିତକାରୀ ।୨। ଯାଦବପତି ଜଗଦାନନ୍ଦ ଯଶୋଦା
ସୁତ ପରମାନନ୍ଦ କରୁଣାକର ଭକ୍ତବତ୍ସଳ ଶ୍ରୀଧର ଶ୍ରୀମୁରାରି
।୩। ଶାରଙ୍ଗଧର ପରଶୁରାମ ନରହରି ନରସିଂହ ଶ୍ରୀରାମ
ଅଚ୍ୟୁତ ଅନନ୍ତ ଜଗନ୍ନାଥ ବାମନ ବଂଶୀଧାରୀ ।୪। ପତିତ
ପାବନ ଶ୍ରୀଭଗବାନ ବିଶ୍ୱମ୍ଭର ବିଶ୍ୱକେତନ ଆଦିମୂଳ ବିମ୍ବାଧର
ଧନୁର୍ଦ୍ଧର ରାବଣାରୀ ।୫। ଗୋପବଲ୍ଲଭ ଗୋପୀନାଥ ଗୋବ-
ର୍ଦ୍ଧନ ଶ୍ରୀ ରଘୁନାଥ ଗରୁଡ଼ଧ୍ୱଜ ଦେବାଧିରାଜ ସଦା ନିକୁଞ୍ଜ
ବିହାରୀ ।୬। ଆରତତ୍ରାଣ ଶ୍ରୀନିବାସ ମଦନମୋହନ ଶ୍ରୀଜଗ-
ଦୀଶ ପୀତାମ୍ବର ମନ୍ଦରଧର ନୀଳକନ୍ଦର ବିହାରୀ ।୭।
ଶ୍ରୀଦୟାସାଗର ରାଜୀବନେତ୍ର ରାଘବ ହରି ଶ୍ରୀଲକ୍ଷ୍ମୀକାନ୍ତ ନବଘନ

ଜଗତବନ୍ଧୁ ଜନାର୍ଦ୍ଦନ କଳ୍ପତରୁ କଂସାରି । ୮ । ମାୟାଧର ଦେବ ପୁଣ୍ଡରୀକାକ୍ଷ ଗଉତମ ନରୋତ୍ତମ ଶ୍ରୀବତ୍ସ ଚିନ୍ତାମଣି ଅନ୍ତର୍ଯ୍ୟାମୀ ବାସବ ଗର୍ବହାରୀ । ୯ । ବନମାଳୀ ବୈକୁଣ୍ଠ ଶ୍ରୀମନ୍ତ ଚତୁର୍ଭୁଜ ବିଷ୍ଣୁ ଶ୍ରୀଲୋକନାଥ ସଚ୍ଚିଦାନନ୍ଦ ପୂର୍ଣ୍ଣବ୍ରହ୍ମ ଭକତ ଆନନ୍ଦକାରୀ । ୧୦ । ନିତ୍ୟାନନ୍ଦ ଅଭିରାମ ନୀଳାଦ୍ରି ଦାଶରଥୀ କୃପାସିନ୍ଧୁ ଶ୍ରୀନିଧି ବ୍ରଜରାଜ ଉପଇନ୍ଦ୍ର ସଦାନନ୍ଦ ସତ୍ୟବାଦୀ ପ୍ରଲମ୍ବାରି । ୧୧ । କାହ୍ନୁ ସନାତନ ହେ ହୃଷୀକେଶ ପୀତବାସ ଭାବଗ୍ରାହୀ ସୁରେଶ ଚରଣେ ଶରଣ ବଲ୍ଲଭ ଦାସ ହେବ ନିତ୍ୟ ପରିଗ୍ରହୀ । ୧୨ ।

ରାଗିଣୀ ଲଳିତ—ତାଳ ଆଡ଼ା ।

ପ୍ରଭାତ ହୋଇଲା ନିଶି ଉଠ ନ କରି ଉଚ୍ଚର
ଦୁରିତ ଦଳନ ଦୀନବନ୍ଧୁ ନାମ ଶବ୍ଦେ ସ୍ମର । ପଦ ।

ଯେ ପ୍ରଭୁଙ୍କ ମନୋହର ନାମ ସୁମଧୁର ଝର ନୀର ପାନେ ଭବ ଘୋର ଭ୍ରାନ୍ତି ହୁଏ ଦୂର । ସ୍ୱର୍ଗ ମର୍ତ୍ତ୍ୟ ରସାତଳ ସାଗର ଗିରି ସଙ୍କୁଳ ଚରାଚର ଜୀବକୁଳ ସର୍ଜ୍ଜନା ଯାହାର । ୨ । ଯାହାଙ୍କର ସୁଦୟାରେ ବଞ୍ଚି ରହି ଜୀବନରେ ଗଣା ହେଉ ମାନବରେ ତାଙ୍କୁ ସ୍ନେହ କର । ୩ । ଯାହାଙ୍କ ପାଦଦର୍ଶନ ଆଶେ ସିଦ୍ଧ ଋଷିଗଣ ଦିବା ନିଶି ବସି ଧ୍ୟାନ କରନ୍ତି ହୃଦର । ଏ ସଂସାରେ ସାର ଧନ ଈଶ୍ୱରଗୁଣ କୀର୍ତ୍ତନ ଆନେ ନ ବଳାଅ ମନ କହେ ବିଶ୍ୱମ୍ଭର । ୪ ।

ସତତେ ଜଗବନ୍ଧୁ ନାମ ଜପ ରେ ମନୁଆଁରେ ନନ୍ଦାନନ୍ଦନ ମଙ୍ଗ ଜପ କଲେ ଜଗତ୍‌ଧାରେ । ଘୋଷା । ଯା ଶ୍ରୀଚରଣ ଭଜକୁ ଧାଇଁ । ନରୋତ୍ତମ ମଉ ଗଉଷ ଯାଇଁ । ଶୁକ ସନକ ଜନକ ଯୋଗୀ ଯା ଶ୍ରୀଚରଣ ସେବାରେ । ଅମଳ କମଳ ଧବଳ ନେତ୍ର । କଳିତ ଅଞ୍ଜନ ଲଳିତ ଗାତ୍ର । କମଳମୁଖୀ କମଳ ଭୃଙ୍ଗ ଶୋଭିତ ଉର ହାର । ୨ । ରତନ ମୁକୁଟ କିରୀଟ ସାଜେ । କଉସ୍ତୁଭ ମଣି ହୃଦେ ବସିଜେ । ଗଣ୍ଡଯୁଗଳେ କୁଣ୍ଡଳ ଲୁଳେ ଶୋଭିତ ଉର ହାରେ । ୩ । କହନ୍ତି ନୃସିଂହ ଦେବୃସ୍ୱଜ ଅରେ ମୂଢ଼ ମନ କହୁଛି ଆଜ । ମିଥ୍ୟା କଥାକୁ ସତ୍ୟ ନ ମଣ ହରି ଚରଣ ସେବାରେ । ୪ ।